ସକାଳ
THE SAKALA



www.sakalaepaper.com

## ବଡ଼ଛପାପାଳରେ ଚବିଶପ୍ରହର ନାମଯଜ୍ଞ



**କନ୍ଧମାଳ, ୨୩।୩ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ବଡ଼ଛପାପାଳ ଗ୍ରାମରେ ସୁବୁଦ୍ଧି ସାହୁ ଓ ତାଙ୍କ ପତ୍ନୀ ସବିତା ସାହୁଙ୍କ ନେତୃତ୍ୱରେ ଗ୍ରାମବାସୀଙ୍କ ସହଯୋଗରେ ଚବିଶପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ନାମଯଜ୍ଞ ଓ ପୂଜାରେ ସୁବୁଦ୍ଧି ସାହୁ ଓ ତାଙ୍କ ଧର୍ମପତ୍ନୀ ସବିତା ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପୂଜକ ଯଜ୍ଞ ମିଶ୍ର ଓ ଭାଗ୍ୟମିଶ୍ର ପୂଜା କାର୍ଯ୍ୟ ତୁଲାଇଥିଲେ। ଚବିଶପ୍ରହରୀ ନାମଯଜ୍ଞରେ ବଡ଼ ଛପାପାଳି ଗ୍ରାମବାସୀ ସହଯୋଗ କରିଥିଲେ।

# ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

ବିନିକା,୨୩।୩(ସମିସ)



ବାଉଁଶୁଣୀଠାରେ ସୋମବାର ବ୍ଲକ୍‌ସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ବିନିକା ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି।

**୨୧ ଅଭିଯୋଗର ସମାଧାନ**

ଏଥିରେ ସର୍ବମୋଟ ୧୩୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିରୁ ୨୧ଟି ଅଭିଯୋଗର ସମାଧାନ ହୋଇଥିଲା। ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ତରଫରୁ ରାଜେନ୍ଦ୍ର ମାଝୀ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ଅଭିଯୋଗ ଗୁଡ଼ିକୁ ଶୁଣିଥିଲେ। ସର୍ବମୋଟ ୧୩୧ ଅଭିଯୋଗରୁ ୨୧୪ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୭ ଗୋଟି ସାମୁହିକ ରହିଥିଲା। ୨୧ ଅଭିଯୋଗ ପତ୍ର ତ୍ୱରିତ ଫଇସଲା କରାଯାଇଥିବା ବେଳେ ଅବଶିଷ୍ଟ ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ବିନିକା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ କୁମାର ବାଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ, ଜନପ୍ରତିନିଧି, ଜିଲ୍ଲା ସୂଚନା ଅଧିକାରୀ ଉପସ୍ଥିତ ଥିଲେ।

## ୫୦ କେଜି ଗଞ୍ଜେଇ ଜବତ



**ତରଭା,୨୩।୩(ସମିସ):** ସୋମବାର ପୂର୍ବାହ୍ନରେ ତରଭା ପୁଲିସ ୫୦ କେଜି ୧୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ତେବେ ଗଞ୍ଜେଇ ବେପାରୀ ଘଟଣା ସ୍ଥଳରୁ ଫେରାର ହୋଇଥିବା ଜଣାପଡ଼ିଛି। ତରଭା ଥାନା ଆଇଆଇସି ଅନିତା କିଡୋଙ୍କ ଠାରୁ ମିଳିଥିବା ସୂଚନାନୁଯାୟୀ, କଣ୍ଢାମାଳ ଅଞ୍ଚଳରୁ ତରଭା ଥାନା ଅନ୍ତର୍ଗତ ତେଲନଦୀ ମରାଡୁଗୁଛା ଘାଟ ଦେଇ ଗଞ୍ଜେଇ ଚାଲାଣ ହେଉଥିବା ନେଇ ପୁଲିସକୁ ସୂଚନା ମିଳିଥିଲା। ସୂଚନାକୁ ଆଧାର କରି ପୁଲିସ ଦଳ ଘଟଣା ସ୍ଥଳରେ ପହଞ୍ଚିବାରୁ ଗଞ୍ଜେଇ ବେପାରୀ ଫେରାର ମାରିଥିଲା। ସେଠାରେ ପୁଲିସକୁ ୨ ବସ୍ତା ଗଞ୍ଜେଇ ମିଳିଥିଲା। ସହକାରୀ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ଭୋଇଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯିବାରୁ ତାହା ୫୦ କେଜି ୧୦୦ ଗ୍ରାମ ହୋଇଥିଲା ବୋଲି ଆଇଆଇସି କହିଛନ୍ତି।

## ୩ କୁଇଣ୍ଟାଲ ଗଞ୍ଜେଇ ଜବତ; ମାଫିଆ ଫେରାର

**ଶଗଡ଼ା,୨୩।୩(ସମିସ):** ବୌଦ୍ଧ ଜିଲ୍ଲା ବାଉଁଶୁଣି ପୁଲିସ ପକ୍ଷରୁ ଚଢ଼ଉ କରି ବିପୁଳ ଗଞ୍ଜେଇ ଜବତ କରାଯାଇଛି। ସୂଚନା ଅନୁସାରେ ବାଉଁଶୁଣି ଥାନା ଗୋଛାପଡା ପଞ୍ଚାୟତ ଅଧୀନ ଉସମିଲକା ଗ୍ରାମ ନିକଟସ୍ଥ ଜଙ୍ଗଲରେ ଗଞ୍ଜେଇ ଚୋରାଚାଲାଣ ପାଇଁ ପ୍ରସ୍ତୁତି ହେଉଥିବା ନେଇ ପୁଲିସ ଖବର ପାଇ ଥାନା ଅଧିକାରୀ ମହେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଏକ ଟିମ ଚଢଉ କରିଥିଲା। ପୁଲିସକୁ ଦେଖି ମାଫିଆମାନେ ଚମ୍ପଟ ମାରିଥିଲେ। ଘଟଣା ସ୍ଥଳରୁ ପୁଲିସ ବିପୁଳ ପରିମାଣର ଗଞ୍ଜେଇ ଜବତ କରି ଥିବାବେଳେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରାଯିବା ପରେ ୩ କୁଇଣ୍ଟାଲ ବୋଲି ଜଣାପଡ଼ିଥିଲା। ଏହି ଚଢ଼ଉରେ ଥାନା ଅଧିକାରୀ ମହେନ୍ଦ୍ର ବେହେରା, ଏଏସ୍ଆଇ ଏସ୍‌କେ ମଲ୍ଲିକ, କନଷ୍ଟେବଳ ଶୁଭ୍ରଜିତ କର୍ଣ୍ଣ, ଯୁଧିଷ୍ଠିର ମହାକୁଡ଼, ହୋମଗାର୍ଡ ସୁକାନ୍ତ ସାହୁ ଓ ଆଶୁତୋଷଙ୍କ ସମେତ ଆଇ ଆର ବି ଯବାନ ସାମିଲ ଥିଲେ। ଏନେଇ ବାଉଁଶୁଣି ଥାନାରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଛି।



## ଚାରିଶମ୍ଭୁ ପୀଠରୁ ଉଠିଲା ଚୈତ୍ର ଦଣ୍ଡ

**ଜହ୍ନାପଙ୍କ,୨୩।୩(ସମିସ):** ବୌଦ୍ଧ ବ୍ଲକ୍ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଐତିହାସିକ ଚାରିଶମ୍ଭୁ ପୀଠରୁ ପୁରୁଣା ଦଣ୍ଡଯାତ୍ରା ଆଜି ଉଠିଛି। ଦଣ୍ଡ ଉଠିବା ପରେ ଏକ ଶୋଭାଯାତ୍ରାରେ ମନ୍ଦିର ପରିସରରୁ ବାହାରି ଜଗତି ଗ୍ରାମ ପରିକ୍ରମା କରିଥିଲେ। ସିଦ୍ଧେଶ୍ୱର ଓ ଦକ୍ଷୀଣକାଳୀଙ୍କ ପୂଜାର୍ଚ୍ଚନା ପରେ ଆଜି ଗ୍ରାମ ପରିକ୍ରମା ହୋଇଥିଲା। ସେବାୟତ ତଥା ପରିଚାଳକ ଚତୁର୍ଭୁଜ ଖମାରୀଙ୍କ ତତ୍ତ୍ୱାବଧାନରେ ପୂଜକ ସୁବାସ ଖମାରୀ, ଫାଲଗୁନି ଗୁରୁ, ଅବିନାଶ ଖମାରୀ ଓ ତେର ଭୋକ୍ତା ପୂଜାର୍ଚ୍ଚନା କରିଥିଲେ। ଦଣ୍ଡଯାତ୍ରା ୨୧ ଦିନ ବିଭିନ୍ନ ଗ୍ରାମ ପରିକ୍ରମା କରିବା ପରେ ମହାବିଷୁବ ସଂକ୍ରାନ୍ତିରେ ମେରୁଯାତ୍ରା ସହ ଉଦ୍‌ଯାପିତ ହେବ। ଏହା ସହିତ ଅଞ୍ଚଳର ଶୈବପୀଠ ଚଣ୍ଡୀତଳ, କେଉଁଟି ଚୁଆଁ, ଦାମୋଦରପୁର, କୃଷ୍ଣପାଲି, ଖଲିଆପାଲି, ବନ୍ଧାପଥର, ବଢ଼ିଗାଁ, ପଲାସ, ମାନେଶ୍ୱର ଆଦି ଶୈବପୀଠରୁ ଚୈତ୍ର ଦଣ୍ଡ ଉଠିଥିବା ଜଣାପଡ଼ିଛି।



## ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକଙ୍କ ଶ୍ରୀରାମ ମହାବିଦ୍ୟାଳୟ ପରିଦର୍ଶନ



ଡୁଙ୍ଗୁରିପାଲି,୨୩।୩(ସମିସ)

ସମ୍ବଲପୁର ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୁରଲିଧର ମାଝି ଆଜି ଶ୍ରୀରାମ ମହାବିଦ୍ୟାଳୟ ପରିଦର୍ଶନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋବିନ୍ଦ ମେହେରଙ୍କ ସହିତ ମହାବିଦ୍ୟାଳୟର ଭିତ୍ତିଭୂମି ଉପରେ ଆଲୋଚନା କରିବା ସହ ମହାବିଦ୍ୟାଳୟର ପ୍ରଶାସନିକ ମୁଖ୍ୟ, ଶୈକ୍ଷିକ ମୁଖ୍ୟ ତଥା ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଅଣ ଶିକ୍ଷକ କର୍ମଚାରୀଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା ମଧ୍ୟ କରିଥିଲେ। ପ୍ରଶାସନିକ ବ୍ୟବସ୍ଥା, ଆକାଡେମି, ଶୈକ୍ଷିକ ବାତାବରଣ, ଗ୍ରନ୍ଥାଗାର, ବିଜ୍ଞାନ ବିଭାଗର ପରୀକ୍ଷାଗାର, ଛାତ୍ରୀ ନିବାସ, ଛାତ୍ରଛାତ୍ରୀଙ୍କ ସାଧାରଣ ପ୍ରକୋଷ୍ଠ ପରିଦର୍ଶନ ପୂର୍ବକ ଆଫିସିକ କାଗଜ ପତ୍ରର ତଦାରଖ ମଧ୍ୟ କରିଥିଲେ।

ପରିଶେଷରେ ଆଗାମୀ ଦିନରେ ନାକ୍ ପରିଦର୍ଶନକୁ ଗୁରୁତ୍ୱାରୋପ ପ୍ରଦାନ କରିବା ପାଇଁ ବିଚାର ବିମର୍ଶ କରିବା ସହ ସନ୍ତୋଷ ବ୍ୟକ୍ତ କରିଥିଲେ।

## ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର

**ତରଭା,୨୩।୩(ସମିସ):** ତରଭା ବ୍ଲକ କମସରା ମଣ୍ଡଳ ତରଫରୁ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ଚାରଭଟାଠାରେ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଅଶ୍ୱିନୀ ମହାକୁର ଓ କମସରା ମଣ୍ଡଳ ପ୍ରଭାରୀ ଆନନ୍ଦ ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ଉଦ୍‌ଘାଟନୀ ସନ୍ଧ୍ୟାରେ ପ୍ରଥମ ଦୁଇଟି ସତ୍ରର ତାଲିମଦାତା ଭାବେ ପୂର୍ବତନ ଜିଲ୍ଲା ସଭାପତି ପ୍ରମୋଦ ମହାପାତ୍ର ଓ ପୂର୍ବତନ ଜିଲ୍ଲା ଉପସଭାପତି ରାମ ନାରାୟଣ ବେଜ ପ୍ରଶିକ୍ଷଣ ଶିବିରରେ କାର୍ଯ୍ୟକର୍ତ୍ତାମାନଙ୍କୁ ଦଳୀୟ ସଂଗଠନ ଉପରେ ତାଲିମ ପ୍ରଦାନ କରିଥିଲେ। ସେହିପରି ଦ୍ୱିତୀୟ ଦିନ ପାଞ୍ଚଟି ସତ୍ରରେ ତାଲିମଦାତା ଭାବେ ବିହାରୀ ମାଝୀ, ସଂସାଦ ପ୍ରତିନିଧି ବିମଳ ମିଶ୍ର, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଆନନ୍ଦ ବାରିକ, ଜିଲ୍ଲା ସଭାପତି ବେଣୁଧର ଦାସ, ପୂର୍ଣ୍ଣଚନ୍ଦ୍ର ବିଶି ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ପ୍ରଶିକ୍ଷଣ ଶିବିରରେ ବରିଷ୍ଠ ନେତା ମଣ୍ଡଳ ସଭାପତି ଅଶ୍ୱିନୀ ମହାକୁର, ରାଜକିଶୋର ମେଣ୍ଡଲି, ଭବାନୀ ଶଙ୍କର ପଣ୍ଡା, ସୁରେଶ ଚନ୍ଦ୍ର ମହଲା, ଦିଲୀପ ପୂଜାରୀ, କଲ୍ୟାଣ ନାଏକ, ଜୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ମଣ୍ଡଳ କମିଟିର ସମସ୍ତ ସଦସ୍ୟ ଓ ଶତାଧିକ କର୍ମୀ ଯୋଗ ଦେଇଥିଲେ। ସମ୍ପାଦକ ପ୍ରକାଶ ସାହୁ ଏବଂ କୃପାନିଧି ମିଶ୍ର ସଭା ପରିଚାଳନା କରିଥିଲେ।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ବୌଦ୍ଧ, ୨୩।୩ (ସମିସ)



ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ଧଳପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜନଶୁଣାଣି ପରେପରେ ଜିଲ୍ଲାପାଳ ବିଭୁତିଭୂଷଣ ନାୟକ ସମୀକ୍ଷା କରିଥିଲେ। ସମୀକ୍ଷା ସମୟରେ ସମସ୍ତ ବିଭାଗ ପକ୍ଷରୁ ସମାଧାନ ହୋଇ ନ ଥିବା ଜନ ଶୁଣାଣି ଉପରେ ଗୁରୁତ୍ୱାରୋପ କରି ଅଧିକାରୀମାନଙ୍କୁ ଏହାର ସମାଧାନ ଦିଗରେ ତ୍ୱରିତ ପଦକ୍ଷେପ ନେବାପାଇଁ ନିର୍ଦ୍ଦେଶ ଦେଇଥିଲେ। ଯେଉଁ ଅଧିକାରୀମାନେ ଜନଶୁଣାଣି ସମୟରେ ଅନୁପସ୍ଥିତ ରହୁଛନ୍ତି, ତା ଉପରେ କୈଫିୟତ ତଲବ ପାଇଁ ଡେପୁଟି କଲେକ୍ଟର ଜ୍ୟୋତିରଞ୍ଜନ ଭୁଏଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତୁରନ୍ତ ଫଇସଲା ନ କଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜନଶୁଣାଣି ପରେପରେ ଜିଲ୍ଲାପାଳ ଶ୍ରୀ ନାୟକ ରାମଗଡ଼ ଉଚ୍ଚ ବିଦ୍ୟାଳୟ ଏବଂ ଧଳପୁର ବିଦ୍ୟାଳୟ ଗସ୍ତ କରିଥିଲେ।

## ଦନ୍ତା ଆତଙ୍କ ପରେ ବନବିଭାଗର ସଚେତନତା

**ହରଭଙ୍ଗା,୨୩।୩(ସମିସ):** ବୌଦ୍ଧ ଜିଲ୍ଲାରେ ଦନ୍ତାର ଆତଙ୍କ ଜାରି ରହିଥିବା ବେଳେ ବନ ବିଭାଗ ପକ୍ଷରୁ ସଚେତନତା ଅଭିଯାନ ଜୋରଦାର କରାଯାଇଛି। ଗତକାଲି ବିଳମ୍ବିତ ରାତିରେ ବୌଦ୍ଧ ବନଖଣ୍ଡର ସୁବଳୟା ଓ ଭରତାପୁର ଗ୍ରାମରେ ଦନ୍ତା ହାତୀ ପ୍ରବେଶ କରି ଉତ୍ପାତ ସୃଷ୍ଟି କରିଥିଲା। ଏହାର ପ୍ରଭାବରେ ଗାଁଲୋକେ ଭୟଭୀତ ଅବସ୍ଥାରେ ରହିଥିଲେ। ପରେ ଏହି ଆତଙ୍କ ରାମ୍ପିକଟା ଗ୍ରାମକୁ ମଧ୍ୟ ପ୍ରସାରିତ ହୋଇଥିବା ଦେଖାଯାଇଛି। ହାତୀଟି ଗାଁକୁ ପ୍ରବେଶ କରି କିଛି ବାଇକ୍ ଓ ସାଇକେଲ ଭାଙ୍ଗିଦେବା ସହ ଚାଷୀମାନଙ୍କ କଦଳୀ ବାଡ଼ି ଓ ଅନ୍ୟାନ୍ୟ ଫସଲକୁ ନଷ୍ଟ କରିଛି। ଏହା ସହିତ ଅଞ୍ଚଳରେ ଭୟର ପରିବେଶ ଜାରି ରହିଛି। ବର୍ତ୍ତମାନ ହାତୀଟି ନିକଟସ୍ଥ ଜଙ୍ଗଲ ଅଞ୍ଚଳରେ ରହିଥିବା ସତ୍ତ୍ୱେ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଘଟଣାସ୍ଥଳରେ ବନ ବିଭାଗର ଏକ ବିଶେଷ ଟିମ୍ ପହଞ୍ଚି ହାତୀର ଚଳଚଳନ ଉପରେ କଡ଼ା ନଜର ରଖିଛି। ହାତୀଟିକୁ ସୁରକ୍ଷିତ ଭାବେ ପୁଣିଥରେ ଜଙ୍ଗଲକୁ ଫେରାଇବା ପାଇଁ ବନ ବିଭାଗ ପକ୍ଷରୁ ପ୍ରୟାସ ଜାରି ରହିଛି ବୋଲି ବୌଦ୍ଧ ଡିଏଫଓ ରାଜେନ୍ଦ୍ର ଗୋଛାୟତ ସୂଚନା ଦେଇଛନ୍ତି।



**ରାଜ୍ୟସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ**

## ରାଉରକେଲାକୁ ହରାଇ ଜାମପାଲି ଚାମ୍ପିଅନ

**ଡୁଙ୍ଗୁରିପାଲି, ୨୩।୩ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଚେରୁପାଲି ମା' ମାହେଶ୍ୱରୀ ଭଲିବଲ୍ କ୍ଲବ୍‌ପକ୍ଷରୁ ନବମ ରାଜ୍ୟସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଚେରୁପାଲି ଭଲିବଲ୍ ଖେଳପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଇଞ୍ଜିନିୟର ତଥା ସମାଜସେବୀ ଆହ୍ୱାନ ପାଣ୍ଡିଆ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଚେରୁପାଲି ସରପଞ୍ଚ ଦିଲୀପ ଶତପଥୀ, ବୈଦ୍ୟୁପାଲି ସମିତି ସଭ୍ୟା ପୂର୍ଣ୍ଣିମା ପାଣ୍ଡିଆ, ଚେରୁପାଲି ଗ୍ରାମ୍ୟ କମିଟି ସଭାପତି ପ୍ରମୋଦ ସା, ବଦ୍ରିନାରାୟଣ ପାଣ୍ଡିଆ, ଜିତେନ୍ଦ୍ରୀୟ ସାହୁ ଓ ଅମନ ପାଣ୍ଡିଆ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ଜିଲ୍ଲାରୁ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ରାଉରକେଲା ଓ ଜାମପାଲି ମଧ୍ୟରେ ହୋଇଥିଲା। ଏଥିରେ ପଦମପୁର୍ ଜାମପାଲି ଦଳ ବିଜୟୀ ହୋଇଥିଲା।



## ସହିଦ ଦିବସ ପାଇଁ ପଦଯାତ୍ରା ଓ ବିଭିନ୍ନ ପ୍ରତିଯୋଗିତା

**ବୌଦ୍ଧ,୨୩।୩(ସମିସ):** ଭାରତ ସରକାରଙ୍କ ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟର ଅଧୀନସ୍ଥ ମାଇଁ ଭାରତ ବୌଦ୍ଧ ତରଫରୁ ସହିଦ ଦିବସ ପାଳନ ହୋଇଯାଇଛି। ତୋଫାନ ପରିଡ଼ାଙ୍କ ତତ୍ତ୍ୱାବଧାନରେ ବୌଦ୍ଧ ବ୍ଲକ ବଘିଆପଡ଼ା ପଞ୍ଚାୟତ ଅଧୀନ ଗୌଡ଼ଡେଇ ଆଇଟିଆଇ ଶିକ୍ଷା ଅନୁଷ୍ଠାନରେ ଶହିଦ ଦିବସ ପାଳନ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଇ ଟି ଆଇ ର ପ୍ରିନ୍ସିପାଲ ଙ୍କ ସଭାପତିତ୍ୱ ରେ ଦେଶର ବୀର ଶହିଦଙ୍କ ସ୍ମୃତି ଚାରଣ ନିମନ୍ତେ ପ୍ରଥମେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହେବା ସହିତ ଏକ ସ୍ଲୋଗାନ ପ୍ରତିଯୋଗିତା ମଧ୍ୟ ହେଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ସହିଦ ଦିବସ ଉପଲକ୍ଷେ ୨୦୦ ଯୁବକଙ୍କୁ ନେଇ ଏକ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ଚନ୍ଦନ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ ଉତ୍ସବ

**ମନମୁଣ୍ଡା,୨୩।୩(ସମିସ):** ବାସୁଦେବପାଲିରେ ଶ୍ରୀଭାଗବତ ମନ୍ଦିର ପ୍ରତିଷ୍ଠା ଓ ଶ୍ରୀରାଧାକୃଷ୍ଣ ବିଗ୍ରହ ଉତ୍ସବ ଚତୁର୍ଥ ଦିବସରେ ଶାନ୍ତା ସଂସ୍କାର ପୀଠ ପୂଜନ, ସୂର୍ଯ୍ୟ ପୂଜା, ଗୋ-ପୂଜା, ବିଗ୍ରହ ଧନାଧି ବାସ ପୂଜୋନୋତ୍ସବ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ ଉତ୍ସବରେ ଓଡ଼ିଆ ଧାରାବାହିକ 'ମୋ ସିନ୍ଦୂରର ଅଧିକାର'ର ଅଭିନେତ୍ରୀ ଶୁଭଶ୍ରୀ ବାରିକ ଅଭିନୟ ପ୍ରଦର୍ଶନ କରିଥିଲେ। ତାଙ୍କ ଅଭିନୟ ଦେଖିବାକୁ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ସେହିପରି କଂସ ଦରବାରରେ ପାତ୍ରମନ୍ତ୍ରୀଙ୍କ ସହ କଂସଙ୍କ ଆଲୋଚନା, ପୂତନା ବଧ, ମଞ୍ଚସ୍ଥ ହୋଇଥିଲା। କଂସ ଦରବାରରେ ମନମୁଣ୍ଡାର ବିଶିଷ୍ଟ ଉଦ୍ୟୋଗପତି ତଥା ସମାଜସେବୀ ଆଶିଷ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ।

## କ୍ଲଷ୍ଟରସ୍ତରୀୟ ମାସିକ ବୈଠକ

**ଡୁଙ୍ଗୁରିପାଲି,୨୩।୩(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଅନ୍ତର୍ଗତ ସହଲା କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ଗଣ୍ଡପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ କଷ୍ଟର ସିଆରସିସି ରଞ୍ଜନ କୁମାର ଦାଶ ଯୋଗଦେଇ ବିଗତ ୮ଟି ମାସିକ ବୈଠକର ପୁନଃଆଲୋଚନା, ସମାପ୍ତି ସୂଚକ ମାନ ନିର୍ଦ୍ଧାରଣ ଫଳାଫଳର ବିଶ୍ଳେଷଣ, ଶ୍ରେଣୀ ପର୍ଯ୍ୟବେକ୍ଷକ ସାଧନୀ, ଶିକ୍ଷଣ ପ୍ରସ୍ତୁତି କାର୍ଯ୍ୟକ୍ରମ, ପ୍ରବେଶ ଉତ୍ସବ, ଖଡି ଛୁଆଁ ଏବଂ ଗ୍ରୀଷ୍ମ କାଳୀନ ଶିକ୍ଷଣ କାର୍ଯ୍ୟକ୍ରମ ତଥା ଯାଦୁପେଡି ସାମଗ୍ରୀର ବ୍ୟବହାର ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷକ ଶିବପ୍ରସାଦ ରଣା, ସାଧୁ ସେଛ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। କଷ୍ଟରର ଶିକ୍ଷକ ଅଭିରାମ ବାରିକ, କୈଳାସ ଚନ୍ଦ୍ର ସେଠ, ଗୋପାଳ କୁମାର ଦାସ, ସହଦେବ ମେହେର, ଉମେଶ ଭୋଇ, ଚକ୍ରଧର ବାରିକ, ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ରାଣୀ ମାଝୀ, ସସ୍ମିତା ସାହୁ, ସଂସ୍ମିତା ମେହେର, ଗାୟତ୍ରୀ ଷାଣ୍ଢେ, ଉର୍କୁଳି ଭୋଇ, ଆରତୀ ପଧାନ, ସୁକାନ୍ତୀ ବାଘ ପ୍ରମୁଖ ଯୋଗ ଦେଇଥିଲେ। ସଭା ଶେଷରେ ଶିକ୍ଷୟିତ୍ରୀ ପାନେଶ୍ୱରୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।



## ବାଉଁଶୁଣୀର ବିଶ୍ୱ ଜଳ ଦିବସ

**ବିନିକା,୨୩।୩(ସମିସ):** ବିନିକା ବ୍ଲକ୍ ବାଉଁଶୁଣୀଠାରେ ଶିକ୍ଷକ ଅଖୋଜ କୁମାର ଷାଣ୍ଢଙ୍କ ଅଧକ୍ଷତାରେ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ହରିବଲ ଷାଣ୍ଢେ, ମୁଖ୍ୟବକ୍ତା ଭାବେ ପ୍ରକୃତି ପ୍ରେମୀ ଗଜାନନ ସାଥୁଆ, ସମ୍ମାନିତ ଅତିଥି ପ୍ରକୃତି ବନ୍ଧୁ ହାଡିବନ୍ଧୁ ଖମାରୀ, ସାମାଜିକ କର୍ମୀ ସନ୍ତୋଷ ଦେହେରି ପ୍ରମୁଖ ଯୋଗଦେଇ ବିଶ୍ୱ ଜଳ ଦିବସର ବିଶେଷତ୍ୱ, ଜଳ ସଙ୍କଟରେ ଆମର କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରିୟବ୍ରତ ଭୁଏ ପରିଚାଳନା କରିଥିବା ବେଳେ ଆନନ୍ଦ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜନାର୍ଦ୍ଦନ ମହାକୁର, ଧର୍ମଦେବ ସା, ପ୍ରକାଶ ପାଣ୍ଡେ ସହଯୋଗ କରିଥିଲେ।

## ଡୁଙ୍ଗୁରିପାଲିରେ ଅଭିଯୋଗ ଶୁଣାଣି



**ଡୁଙ୍ଗୁରିପାଲି,୨୩।୩(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଞ୍ଚାୟତସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ସଞ୍ଜିବି କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଅଭିଯୋଗ ଶୁଣାଣିକୁ ପଞ୍ଚାୟତ ଅଧୀନସ୍ଥ ବିଭିନ୍ନ ଗ୍ରାମରୁ ୪ ଜଣ ହିତାଧିକାରୀ ଅଭିଯୋଗ କରିଥିବା ବେଳେ ନିଜର ବ୍ୟକ୍ତିଗତ ୨ ଜଣ ବିଭିନ୍ନ ସମସ୍ୟାକୁ ନେଇ ପ୍ରଶାସନ ନିକଟରେ ଅଭିଯୋଗ ପତ୍ର ଦାଖଲ କରିଥିବା ବେଳେ ସାମୁହିକ ଭାବେ ୨ ଜଣ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଶୁଣାଣିରେ ଏବିଡ଼ିଓ ମହେଶ୍ୱର ପଧାନ, ସ୍ଥାନୀୟ ସରପଞ୍ଚ ଚିତ୍ତରଞ୍ଜନ ମିଶ୍ର, ପିଇଓ ବିଭୀଷଣ ମୁଦୁଲି, ଆରଡବ୍ଲ୍ୟୁଏସଏସ ଅଧିକାରୀ ହିମାଦ୍ରୀ ପଧାନ, ବିଏସଓ ଖିରୋଦ ଭୂଷଣ ରାଏ, ଏଇ ସ୍ୱାଧୀନ କୁମାର ଦାସଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ।

## ଡୁଲାବାଲିରେ ପୁଲିସ ପକ୍ଷରୁ ଜନସମ୍ପର୍କ ଶିବିର

**କଣ୍ଟାମାଳ/ବୌଦ୍ଧ,୨୩।୩(ସମିସ):** ବୌଦ୍ଧ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶରେ କଣ୍ଟାମାଳ ଥାନା ଲମ୍ବସରି ପଞ୍ଚାୟତ ଭୁଲାବାଲି ଛକଠାରେ ବୌଦ୍ଧ ପୁଲିସ ପକ୍ଷରୁ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଜିଲ୍ଲାରେ ଦିନକୁ ଦିନ ଗଞ୍ଜେଇ ଚାଷ ବୃଦ୍ଧି ପାଉଛି। ଜିଲ୍ଲା ପ୍ରଶାସନ ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଲମ୍ବସରି ଗ୍ରାମ ପଞ୍ଚାୟତ ଅଧୀନ ଡୁଲାବାଲି ଛକଠାରେ ଲମ୍ବସରି ପଞ୍ଚାୟତ ଗ୍ରାମବାସୀଙ୍କୁ ଡାକି ଗଞ୍ଜେଇ ଛାଡ ଓ ଅନ୍ୟଚାଷ କର ବୋଲି ବୁଝାସୁଝା କରିଥିଲେ। ପଞ୍ଚାୟତବାସୀଙ୍କୁ କମ୍ବଳ , ଖାତା, କଲମ, ଭଲିବଲ, ଫୁଟ୍ ବଲ, ସାଲ, ଟର୍ଚ୍ଚ ଲାଇଟ୍, ଶାଢୀ, ଟାୱାର, ଟୋପି, ଧୋତି ଓ ଅନ୍ୟାନ୍ୟ ଜିନିଷ କରିଥିଲେ। କାର୍ଯ୍ୟକ୍ରମରେ ଏସିଆରଆଇ ପ୍ରଦୀପ ଓରମ, କଣ୍ଟାମାଳ ଥାନା ଅଧିକାରୀ ବାସୁଦେବ ଭୋଇ, ଏସ୍ଆଇ ପ୍ରକାଶ ଭୋଇ ଓ କଣ୍ଟାମାଳ ପୁଲିସ ଷ୍ଟାପ୍ ସହଯୋଗ କରିଥିଲେ।



# 'ଶିଶୁ ଅଧିକାର, ଶିଶୁ ସୁରକ୍ଷା' ଉପରେ ସଚେତନତା

ତରଭା,୨୩।୩(ସମିସ)

ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଚାଇଲଡ଼ ହେଲ୍ପ ଲାଇନ, ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସୋମବାର ତରଭା ବ୍ଲକ୍ ଶିବତୁଲା ହାଇସ୍କୁଲ, ତରଭା ବାଳିକା ହାଇସ୍କୁଲ, ସରଗଜ ହାଇସ୍କୁଲ ଏବଂ ସୋନପୁର ବାଳାଶ୍ରମରେ 'ଶିଶୁ ଅଧିକାର, ଶିଶୁ ସୁରକ୍ଷା' ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶିଶୁ ଅଧିକାର, ଶିଶୁ ବିବାହ ଓ ଶିଶୁ ହେଲ୍ପଲାଇନ୍ ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇଥିଲା। ଜିଲ୍ଲା ପ୍ରକଳ୍ପ ସଂଯୋଜକ ସୁଜିତ୍ କୁମାର ମିଶ୍ର, କାଉନସିଲର ସୁଧୀର କୁମାର ଦାସ, ସୁପରଭାଇଜର ଧର୍ମେନ୍ଦ୍ର ଦାସ, ଚାଇଲ୍ଡ ହେଲ୍ପ ଲାଇନ ସଦସ୍ୟ ହେମନ୍ତ ସା, ଶିଶୁ କଲ୍ୟାଣ ସମିତି ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଶିଶୁ ହେଲ୍ପଲାଇନ୍ ୧୦୯୮ ଟୋଲ ଫ୍ରି ନମ୍ବର, ଶିଶୁ ଶ୍ରମିକ ଏବଂ ଶିଶୁମାନଙ୍କ ବିଷୟରେ ଥିବା ଆଇନ ବିଷୟରେ ବୁଝାଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ୩୫୦ରୁ ଉର୍ଦ୍ଧ୍ୱ ଶିଶୁ ଯୋଗଦେଇଥିଲେ। ୧୦୯୮ ଟୋଲ ଫ୍ରି ନମ୍ବରର କାର୍ଯ୍ୟକାରିତା ଏବଂ ଶିଶୁ ଶ୍ରମିକ, ଶିଶୁ ଶ୍ରମିକ ଦମନ, ବାଲ୍ୟବିବାହ ନିରାକରଣ, ଶିଶୁ ଯତ୍ନ, ଅବହେଳିତ ଶିଶୁମାନଙ୍କ ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଯାଇଥିଲା। ଶିଶୁମାନଙ୍କ ପୃଷ୍ଟପୋଷକତା ବିଷୟରେ, ଶିଶୁମାନଙ୍କ ସମଗ୍ର ଆଇନର କାର୍ଯ୍ୟକାରିତା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। କୌଣସି ଶିଶୁ ଯେକୌଣସି ଅସୁବିଧାର ସମ୍ମୁଖୀନ ହେଲେ ୧୦୯୮କୁ ଫୋନ ମାଧ୍ୟମରେ ଜଣାଇବା ପାଇଁ ଜିଲ୍ଲା ପ୍ରକଳ୍ପ ସଂଯୋଜକ ସୁଜିତ୍ କୁମାର ମିଶ୍ର ସୂଚନା ଦେଇଥିଲେ।



